

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୨୧ ଜଣ ଆକ୍ରାନ୍ତ କରୋନା ମହାମାରୀରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୮ ହଜାର ୮୫ରେ ପହଞ୍ଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୨ ଜଣ ଅଛନ୍ତି। ସେହିପରି କଟକ ଜିଲ୍ଲାରୁ ୨୩ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ମୟୂରଭଂଜରୁ ୧୩, ବାଲେଶ୍ୱରରୁ ୬, ବରଗଡ଼, ଯାଜପୁରରୁ ୫-୫, ସୁନ୍ଦରଗଡ଼ରୁ ୪, ଭଦ୍ରକ, ଗଂଜାମ, କେନ୍ଦ୍ରାପଡ଼ା, କୋରାପୁଟରୁ ୨ ଜଣ ଲେଖାଏଁ, ଅନୁଗୁଳ, ବଲାଙ୍ଗୀର, ଦେବଗଡ଼, ଜଗତସିଂହପୁର, କଳାହାଣ୍ଡି, ନୟାଗଡ଼, ସୁବର୍ଣ୍ଣପୁରରୁ ଜଣେ ଲେଖାଏଁ ଓ ରାଜ୍ୟପୁଲରୁ ୨୮ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବା ନେଇ ସୂଚନା ଦିଆଯାଇଛି ।

ଗୋଟିଏ ଦିନରେ ୧୯୧ କରୋନା ଆକ୍ରାନ୍ତ ଚିହ୍ନଟ

ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୮୬୮୩

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟରେ ଗୋଟିଏ ଦିନରେ ୧୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୮୬୮୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୪୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୭ ହଜାର ୮୬୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୫୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୧ ଜଣଙ୍କ ମଧ୍ୟରୁ ୧୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତମାନେ ମୋଟ ୨୧ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୮୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୨ ଓ ବାଲେଶ୍ୱର ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ୧ ଓ ବୌଦ୍ଧ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୧୩ ସଂକ୍ରମିତ ହୋଇଥିବା ବେଳେ ଦେବଗଡ, ଢେଙ୍କାନାଳ ଓ ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ସମ୍ବଲପୁରରୁ ୯ ଜଣ ଓ ସୋନପୁର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୩ ଜଣ ଓ ଷ୍ଟେଟ୍ ପୁଲରୁ ୨୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଆଉ ଜଣଙ୍କ ମୃତ୍ୟୁ , ମୋଟ ମୃତ୍ୟୁସଂଖ୍ୟା ୮୪୦୭

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟରେ କରୋନାରେ ଆଉ ଜଣେ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୮୪୦୬ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ରାଜଧାନୀରୁ ସୁପାରି କିଲର୍ ଗିରଫ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରବିବାର କମିଶନରେଟ୍ ପୋଲିସ ନୟାପଲ୍ଲୀ ଅଞ୍ଚଳରୁ ଜଣେ ସୁପାରି କିଲରକୁ ଗିରଫ କରିଛି । ତାଙ୍କ ନାମ ସମ୍ପଦ ସାହୁ ବୋଲି ସୂଚନା ମିଳିଛି । ପୋଲିସ ସମ୍ପଦଠାରୁ ୨ଟି ବନ୍ଧୁକ ସହ ବହୁ ପରିମାଣର ଗୁଳି ଜବତ କରିଛି । ଜଣେ ବ୍ୟବସାୟୀଙ୍କୁ ହତ୍ୟା କରିବାପାଇଁ ଅଭିଯୁକ୍ତ ସମ୍ପଦ ସୁପାରି ନେଇଥିଲା । ତେବେ ଏ ସମ୍ପର୍କରେ ଖବର ମିଳିବା ପରେ କମିଶନରେଟ ପୋଲିସ ପକ୍ଷରୁ ତାକୁ ଧରିବାପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏପରିକି ଅଭିଯୁକ୍ତର ପିଛା ମଧ୍ୟ ପୋଲିସ କରିଥିଲା । ତେବେ ନୟାପଲ୍ଲୀ ଅଞ୍ଚଳରେ ପୋଲିସ ତାକୁ କାବୁକରିବା ପାଇଁ ଉଦ୍ୟମ କଲାବେଳେ ସେ ବନ୍ଧୁକରୁ ଗୁଳି ଚଳାଇଥିଲା । ଏଥିରେ ଅଳ୍ପକେ ବର୍ତ୍ତିଯାଇଥିଲେ ସ୍ଥାନୀୟ ଥାନା ଆଇଆଇସି, ଏସଆଇ ଓ ଅନ୍ୟ ପୋଲିସ କର୍ମଚାରୀ । ଗିରଫ ପରେ ଅଭିଯୁକ୍ତକୁ ପଚରାଉଚରା ଜାରୀ ରହିଛି । କେଉଁ ବ୍ୟବସାୟୀକୁ ସେ ହତ୍ୟା କରିବାକୁ ଆସିଥିଲା ଓ ଏଥିନେଇ କିଏ ତାକୁ ସୁପାରି ଦେଇଥିଲା ସେନେଇ ମଧ୍ୟ ପୋଲିସ ତନାଘନା ଆରମ୍ଭ କରିଛି । ଅଭିଯୁକ୍ତ ନାଁରେ ଜଗତ୍‌ସିଂହପୁର, କଟକ ଓ କେନ୍ଦ୍ରାପଡ଼ାର ବିଭିନ୍ନ ଥାନାରେ ଏକାଧିକ ମାମଲା ପୂର୍ବରୁ ରହିଛି । ଅଭିଯୁକ୍ତ ସମ୍ପଦର ଘର ଜଗତ୍‌ସିଂହପୁର ବୋଲି ପୋଲିସ ସୂଚନା ଦେଇଛି । ୨୦୧୬ରେ ବାରଙ୍ଗରେ ଘଟିଥିବା ଏକ ହତ୍ୟାକାଣ୍ଡରେ ସେ ସଂପୃକ୍ତ ଥିବା ମଧ୍ୟ ପୋଲିସ ଜାଣିବାକୁ ପାଇଛି । ପୋଲିସ ସମ୍ପଦର ଅପରାଧ ଇତିହାସ ସମ୍ପର୍କରେ ଜାଣିବାକୁ ବିଭିନ୍ନ ଥାନା ସହ ମଧ୍ୟ ଯୋଗାଯୋଗ କରୁଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍, ୨୦୧୬ ଆଧାରରେ ଇ-ନିଲାମ ନୋଟିସ୍
କେଏସ୍‌ଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ)
ସିଆଇଏନ୍ : ୟୁ୪୫୪୦୦ଏମଏଚ୍୨୦୦୭ପିଟିସି୨୩୪୨୯୭
ପଞ୍ଜିକୃତ କାର୍ଯ୍ୟାଳୟ : ସ୍ୱସ୍ତିକ ଚାମ୍ବର, ଷଷ୍ଠ ମହଲା ସିଓନ୍ ଟ୍ରୋମ୍ବେ ରୋଡ୍,ଚେମ୍ବୁର ମୁମ୍ବାଇ ଏମ୍‌ଏଚ୍ ୪୦୦୦୭୧
ନିଲାମର ତାରିଖ ଓ ସମୟ : ୨୦.୧୨.୨୦୨୧ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୨ଟା
(ପ୍ରତ୍ୟେକ କ୍ଷେତ୍ରରେ ୫ ମିନିଟ୍ ଲେଖାଏଁ ଅନ୍‌ଲିମିଟେଡ୍ ଏକ୍ସଟେନ୍ସନ)

ସମ୍ମାନୀୟ ଜାତୀୟ କମ୍ପାନୀ ଲ' ଟ୍ରିବ୍ୟୁନାଲ, ମୁମ୍ବାଇ ଖଣ୍ଡପୀଠଙ୍କ ଦ୍ୱାରା ୨୭.୧୨.୨୦୧୯ରେ ଜାରି ନିର୍ଦ୍ଦେଶନାମା ଅନୁସାରେ ନିଯୁକ୍ତ ଲିକ୍ୟୁଡେଟରଙ୍କ ଦ୍ୱାରା ଲିକ୍ୟୁଡେସନ ଇଷ୍ଟେଟ୍‌ରେ ସାମିଲ ହୋଇଥିବା କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ (କର୍ପୋରେଟ୍ ଡେବ୍‌ଟର)ର ସମ୍ପତ୍ତି ବିକ୍ରୟ ପାଇଁ । ଏହି ସମ୍ପତ୍ତିର ବିକ୍ରୟ ଇ-ନିଲାମ ପ୍ଲାଟଫର୍ମ **https://ncltauction.auctiontiger.net** ଦ୍ୱାରା ଅନୁଷ୍ଠିତ ହେବ । ନିଲାମ ହେବାକୁ ଥିବା ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ, ଏହାର ସଂରକ୍ଷିତ ମୂଲ୍ୟ, ଇଏମ୍‌ଡି ରାଶି ଏବଂ ଇନକ୍ରିମେଣ୍ଟାଲ ବିଡ୍ ନିମ୍ନ ଟେବୁଲରେ ଦର୍ଶାଯାଇଛି ।

ସମ୍ପତ୍ତି	ସଂରକ୍ଷିତ ମୂଲ୍ୟ (ଟଙ୍କାରେ)	ଇଏମ୍‌ଡି ରାଶି (ଟଙ୍କାରେ) ଏବଂ ଏହାର ଦାଖଲ ସମୟସୀମା	ଇନକ୍ରିମେଣ୍ଟାଲ ବିଡ୍ ଆମାଉଣ୍ଟ (ଟଙ୍କାରେ)
କର୍ପୋରେଟ୍ ଡେବ୍‌ଟରଙ୍କ ପ୍ଲାଣ୍ଟ, ମେସିନାରିଜ ଏବଂ ସାମଗ୍ରୀଗୁଡ଼ିକ (ସମ୍ପତ୍ତି) ଯାହା ଜାତୀୟ ରାଜପଥ-୨୦୩ ଠାରୁ ୩୧.୦୦୦ କିମିରେ ରହିଛି । ଏହା ଗ୍ରାମ : ଦୁର୍ଗାପ୍ରସାଦ ପି.ଓ., ମଙ୍ଗଳପୁର, ଜିଲ୍ଲା: ପୁରୀ, ପିନ୍‌କୋଡ୍ : ୭୫୨୧୦୪, ଛତ୍ରମ୍, ଖୋର୍ଦ୍ଧା, ଓଡ଼ିଶାରେ ଅଛି । ("ନିଲାମ ସାଇଟ୍") ସମ୍ପତ୍ତି ଏବଂ ନିଲାମର ସର୍ତ୍ତାବଳି ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି କର୍ପୋରେଟ୍ ଡେବଟରଙ୍କ ୱେବ୍‌ସାଇଟ୍ **http://ksspetron.in/liquidation.html**ରେ ଉପଲବ୍ଧ ଥିବା ପ୍ରୋସେସ୍ ଡକ୍ୟୁମେଣ୍ଟ ଅନୁଧ୍ୟାନ କରନ୍ତୁ।	୪,୬୫,୯୯,୯୫୦/-	୪୬,୫୯,୯୯୫/- ୨୯.୧୧.୨୦୨୧ରୁ ୦୮.୧୨.୨୦୨୧ ପର୍ଯ୍ୟନ୍ତ	୧୦,୦୦୦/- କିମ୍ବା ଏହାଠାରୁ ଅଧିକ

ଦ୍ରଷ୍ଟବ୍ୟ :
୧) ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି "ଯେଉଁଠାରେ ଅଛି", "ଯେପରି ଅଛି", "ଯେଉଁ ସ୍ଥିତିରେ ଅଛି" ଏବଂ "ଫେରସ୍ତଯୋଗ୍ୟ ନ ହେବା ସ୍ଥିତିରେ" ନିଲାମ ହେବ ।
୨) ଅଧିକ ସୂଚନା ଏବଂ କ୍ଲାରିଫିକେସନ ପାଇଁ ଆପଣ ଦୟାକରି ଲିକ୍ୟୁଡେଟରଙ୍କୁ ୦୧୧-୪୯୧୨୧୬୪୪- ୪୫ରେ କିମ୍ବା ତାଙ୍କ ଟିମ୍ ସଦସ୍ୟ, ସିଏସ୍ ମନୀଷ ବ୍ୟାସଙ୍କୁ +୯୧ ୯୬୬୭୦୯୦୧୩୫ରେ ଯୋଗାଯୋଗ କରିପାରିବେ ।

କେଏସଏସ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ) ପାଇଁ

ସ୍ୱା/-
ସିଏସ୍ ଭିନୀତ କେ ଚୌଧୁରୀ
ଲିକ୍ୟୁଡେଟର
କେଏସ୍‌ଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ ମାମଲାରେ
ଆଇବିବିଆଇ ପଞ୍ଜିକରଣ ନମ୍ବର : ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬
liquidatorksspetron@vkcindia.com (ପ୍ରୋସେସ୍ ସ୍ପେସିଫିକ)
ip.vineetchaudhary@gmail.com (ଆଇବିବିଆଇରେ ପଞ୍ଜିକୃତ)
ଆଇବିବିଆଇରେ ପଞ୍ଜିକୃତ ଲିକ୍ୟୁଡେଟରଙ୍କ ଠିକଣା :
ଡି-୩୮,ଏଲଜିଏଫ(ଏଲ/ଏସ),ସାଉଥ୍ ଏକ୍ସଟେନ୍ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯
ତାରିଖ : ୨୯.୧୧.୨୦୨୧
ସ୍ଥାନ : ନୂଆଦିଲ୍ଲୀ

ଭବାନୀ ପରିଜାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ଦେବୀ କନ୍ଦଳ ଦ୍ୱୀପାଞ୍ଚଳର ଶ୍ରୀ ବରିଷଣ ଗାଁ ମାଟିର ସୁପୁତ୍ର କବି ସାମ୍ବାଦିକ ତଥା ବିପ୍ଳବୀ ଜନନେତା ସ୍ୱର୍ଗତ ଭବାନୀ ଶଙ୍କର ପରିଜାଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଅବସରରେ ଆୟୋଜିତ ସ୍ମୃତିଚାରଣ ସଭା ସିଠାଳା ତାରିଣୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୂଳ ବରିଷଣ ଠାରେ ସ୍ୱର୍ଗତ ପରିଜାଙ୍କ ପ୍ରତିମୂର୍ତ୍ତିକୁ ନିଆଳି ବିଧାୟକ ତଥା କଟକ ସ୍ୱର୍ଗତ ପରୀଜାଙ୍କ ପ୍ରତିମୂର୍ତ୍ତିକୁ ନିଆଳି ବିଧାୟକ ତଥା କଟକ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡ଼ା. ପ୍ରମୋଦ କୁମାର ମଲ୍ଲିକ ଉନ୍ମୋଚନ କରିଥିଲେ। ଭବାନୀ ଶଙ୍କର ପରିଜା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ସିଠାଳୋ ସରପଞ୍ଚ ଅନ୍ତର୍ଯ୍ୟାମୀ ବଡୁ ସଭାପତିତ୍ୱ କରିଥିଲେ। ଅତିଥିଭାବେ ସମ୍ବାଦର ସଂପାଦକ ସୌମ୍ୟ ରଂଜନ ପଟ୍ଟନାୟକ, ପୂର୍ବତନ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେପି ନେତା ମହୋମେଘ ବାହାନ ଐର ଖାରବେଳ ସ୍ୱାଇଁ, ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରଶାଦ ପଣ୍ଡା, କଂଗ୍ରେସ ନେତା ଆଲୋକ ଲେଙ୍କା, ଜଗତ୍‌ସଂହପୁର ପ୍ରାକ୍ତନ ନଗର ପାଳ ବିପ୍ଳବ ଚୌଧୁରୀ, ମେଟ୍ରୋ ଟି.ଭି.ର ପ୍ରକାଶ ଚନ୍ଦ୍ର ରଥ ଓ କୃଷକ ନେତା ଶେଷଦେବ ନନ୍ଦ ପ୍ରମୁଖ ଯୋଗଦେଇ ବିପ୍ଳବୀ ଭବାନୀ ପରିଜାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଭବାନୀ ସଦାବେଳେ ଦେବୀକନ୍ଦଳ ଦ୍ୱୀପାଞ୍ଚଳର ବିକାଶ ପାଇଁ ଲଢ଼େଇ କରୁଥିବା କଥା ମଞ୍ଚାସୀନ ବରେଣ୍ୟ ଅତିଥିମାନେ ଅଭିମତ ରଖିବା ସହ ଆଗାମୀ ଦିନରେ ଏହି ଦ୍ୱୀପାଞ୍ଚଳରୁ ଆଉ ୧୦ଜଣ ଭବାନୀ ତିଆରି ହେଲେ ଯାଇ ଶ୍ରାଦ୍ଧବାର୍ଷୀକ ସ୍ମୃତି ସଭା ପାଳନରେ ଯଥାର୍ଥତା ପ୍ରତିପାଦନ ହେବ ବୋଲି ସୌମ୍ୟରଂଜନ ପଟ୍ଟନାୟକ ପ୍ରକାଶ କରିଥିଲେ। ସ୍ମୃତି କମିଟିର ବିରଷ୍ଠ ସଭ୍ୟ ତଥା ସରପଞ୍ଚ ଅନିରୁଦ୍ଧ ମଲ୍ଲିକ, ପ୍ରାକ୍ତନ ସରପଞ୍ଚ ତଥା ଯୁବ ସଂଗଠକ ସରୋଜ କୁମାର ସ୍ୱାଇଁ, ଅଶୋକ ପାତ୍ର, ସୁଦର୍ଶନ ବେହୁରା, ବିକାଶ ସେନାପତି, ପ୍ରତାପ ଚନ୍ଦ୍ର ସ୍ୱାଇଁ, ଅଶୋକ ପାତ୍ର, ବିକାଶ ସେନାପତି, ପ୍ରତାପଚନ୍ଦ୍ର ସ୍ୱାଇଁ, ଅଶୋକ ପାତ୍ର, ପ୍ରତାପ ଚନ୍ଦ୍ର ବିରାଟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ବେଳେ ସିଭିପିର ଶିବରାମ ଖୁଣ୍ଟିଆ, ପ୍ରଣୟ ପଟ୍ଟନାୟକ ଓ କମଳଲୋଚନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

ରାଉରକେଲା ପୌର ନିର୍ବାଚନ ମାମଲା: ହାଇକୋର୍ଟଙ୍କ ନୋଟିସ୍

କଟକ (ଭାସ୍କର ନ୍ୟୁଜ): ରାଉରକେଲା ପୌର ନିର୍ବାଚନ ବିଳମ୍ବ ସମ୍ପର୍କିତ ମାମଲାରେ ହାଇକୋର୍ଟ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସମେତ ନଗର ଉନ୍ନୟନ ବିଭାଗକୁ ନୋଟିସ୍ ଜାରି କରିଛନ୍ତି । ରାଉରକେଲା ମ୍ୟୁନିସ୍‌ପାଲ୍‌ଟିର ପୂର୍ବତନ ଅଧ୍ୟକ୍ଷ ନିହାର ରାୟଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ବିଶ୍ୱଜିତ୍ ମହାନ୍ତିଙ୍କ ଇଜିଲାସ ନୋଟିସ୍ ଜାରି କରି କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ ପାର୍ଥ ନାୟକ ପରିଚାଳନା କରୁଛନ୍ତି । ମାମଲାର ବିବରଣୀ ମୁତାବକ ସମ୍ବିଧାନର ୨୪୩(ୟୁ) ପରିଚ୍ଛେଦ ଅନୁସାରେ ପ୍ରତି ୫ ବର୍ଷରେ ଥରେ ପୌର ନିର୍ବାଚନ ହେବାର ନିୟମ ରହିଛି । ରାଉରକେଲାରେ ୨୦୦୮ ମସିହା ପୌର ନିର୍ବାଚନର ଅବଧି ୨୦୧୩ରେ ଶେଷ ହୋଇଥିଲା । ଏହା ପରେ ରାଜ୍ୟ ସରକାର ୨୦୧୪ ନଭେମ୍ବର ୧୪ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରି ରାଉରକଲା ମ୍ୟୁନିସିପାଲିଟିକୁ ରାଉରକେଲା ମ୍ୟୁନିସ୍‌ପାଲ୍ କର୍ପୋରେସନ୍ ଭାବେ ଘୋଷଣା କରିଥିଲେ । ଏହି ମ୍ୟୁନିସ୍‌ପାଲ୍ କର୍ପୋରେସନ୍‌କୁ ୪୦ଟି ୱାର୍ଡରେ ବିଭକ୍ତ କରିଥିଲେ । ମ୍ୟୁନିସ୍‌ପାଲ୍ କର୍ପୋରେସନ୍ ଗଠନ ପାଇଁ ୩ ଲକ୍ଷ ଜନସଂଖ୍ୟାର ଆବଶ୍ୟକତା ଥିବାରୁ ରାଜ୍ୟ ସରକାର କେତେକ ପଞ୍ଚାୟତକୁ ମ୍ୟୁନିସ୍‌ପାଲ୍ କର୍ପୋରେସନ୍‌ରେ ମିଶାଇ ଦେଇଥିଲେ । କିଛି ପଞ୍ଚାୟତଗୁଡ଼ିକୁ ରାଉରକେଲା ମ୍ୟୁନିସ୍‌ପାଲ୍ କର୍ପୋରେସନ୍‌ରେ ମିଶାଇ ଦିଆଯିବା ଘଟଣାକୁ ବିରୋଧ କରି ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା । ହାଇକୋର୍ଟ ଗତ ୨୦୧୫ ମସିହାରେ ଏହାର ଶୁଣାଣି କରି ମ୍ୟୁନିସ୍‌ପାଲ୍ କର୍ପୋରେସନ୍ ସମ୍ପର୍କିତ ବିଜ୍ଞପ୍ତି ଉପରେ ରହିତାଦେଶ ଜାରି କରିଥିଲେ । ଏହା ପରେ ଆବେଦନକାରୀ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ପୂର୍ବତନ ମନ୍ତ୍ରୀ ସମୀର ଦେ, ପୂର୍ବତନ ପ୍ରଶାସକ ପ୍ରସନ୍ନ ମିଶ୍ରଙ୍କ ପକ୍ଷରୁ ରାଜ୍ୟରେ ପୌର ନିର୍ବାଚନ ବିଳମ୍ବ ହେଉଛି ବୋଲି ଦର୍ଶାଇ ହାଇକୋର୍ଟରେ ୩ଟି ପୃଥକ ପୃଥକ ମାମଲା ରୁଜୁ କରିଥିଲେ । ହାଇକୋର୍ଟ ୨୦୨୧ ଅକ୍ଟୋବର ୨୫ ତାରିଖରେ ଏହାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଥିଲେ । ଏହା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ଜବାବରେ ରାଜ୍ୟରେ ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ଦର୍ଶାଯାଇଥିଲା । ରାଜ୍ୟ ସରକାରଙ୍କ ଜବାବ ଦାଖଲ ପରେ ୧୧୪ଟି ପୌର ନିର୍ବାଚନ ନିମନ୍ତେ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହି ବିଜ୍ଞପ୍ତିରେ ରାଉରକେଲା ସାମିଲ ନଥିଲା । ଏହା ପରେ ପୁଣି ଥରେ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ସରକାର କଟକ, ଭୁବନେଶ୍ୱର ଓ ପୁରୀରେ ମ୍ୟୁନିସ୍‌ପାଲ୍ କର୍ପୋରେସନ୍ ନିର୍ବାଚନ ନିମନ୍ତେ ସଂରକ୍ଷଣ ତାଲିକା ପ୍ରକାଶ କରିଥିଲେ । ତେବେ ଏହି ନୋଟିସ୍‌ରେ ମଧ୍ୟ ରାଉରକେଲାକୁ ସ୍ଥାନିତ କରାଯାଇନଥିଲା । ଫଳରେ ଦୁଇ ଦୁଇଟି ନିର୍ବଚନ ସଂରକ୍ଷଣ ତାଲିକାରେ ରାଉରକେଲା ସ୍ଥାନ ପାଇନାହିଁ । ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ରୁଜୁ ମାମଲାରେ ଆବେଦନକାରୀ ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ସଚିବ, ରାଜ୍ୟ ନିର୍ବାଚନ ଅଧିକାରୀ, ମ୍ୟୁନିସ୍‌ପାଲ୍ ଆଡ୍‌ମିନିଷ୍ଟ୍ରେସ୍ ନିର୍ଦ୍ଦେଶକ, ରାଉରକେଲା ମ୍ୟୁନିସ୍‌ପାଲ୍ କର୍ପୋରେସନ୍ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରିଛନ୍ତି । ହାଇକୋର୍ଟ ଏହାର ଶୁଣାଣି କରି କାରଣ ଦର୍ଶାଇବାକୁ ନୋଟିସ୍ ଜାରି କରିଛନ୍ତି । ଆସନ୍ତା ଡିସେମ୍ବର ୭ ତାରିଖରେ ମାମଲଶର ପରବର୍ତ୍ତୀ ଶୁଣାଣି ହେବ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କୋଭିଡ୍ ନିୟମ...

ଅଧିକାରୀ, ସରପଞ୍ଚ, ୱାର୍ଡମେମ୍ବର, ଅଙ୍ଗନାବାଡ଼ି କର୍ମୀ, ଗ୍ରାମ ଓ ପଞ୍ଚାୟତ ସ୍ତରୀୟ ସରକାରୀ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ସବୁ ଅଞ୍ଚଳର ବାସ୍ତବ ସ୍ଥିତି ବିଷୟରେ ସଠିକ୍ ସୂଚନା ସଂଗ୍ରହ ସହ କୌଣସି ସ୍ଥାନରେ କୋଭିଡ୍ ସଂକ୍ରମଣ ଜଣାପଡ଼ିବା ମାତ୍ରେ ଲକ୍ଷଣ ପ୍ରକାଶ ପାଇବାମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଏହାଛଡ଼ା ଘରକୁ ଘର ଅଭିଯାନ ମାଧ୍ୟମରେ କୋଭିଡ୍ ଟିକାକରଣକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଟିକାକରଣର ଗ୍ରାମ ସ୍ତରୀୟ କାର୍ଯ୍ୟ-ଯୋଜନାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନ୍ୱୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା କହିଥିଲେ ଯେ କେତେକ ଦେଶରେ କୋଭିଡର ଏକ ନୂଆ ମିଶ୍ରିତ ପ୍ରକାର ଦେଖାଇଛି। ଏହା ଅଧିକ ମିଶ୍ରିତ ଏବଂ ତୀବ୍ର ହେବାର ସମ୍ଭାବନା ରହିଛି । ତେଣୁ ୧୮ ରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକଙ୍କର ଶତ ପ୍ରତିଶତ ଟିକାକରଣ ଆମ ପାଇଁ ଏକ ବଡ଼ ପ୍ରତିରୋଧକ ହେବ। କୋଭିଡ୍ ପରୀକ୍ଷା କଲାବେଳେ 'ଜେନୋମିକ୍ ସିକୁଏନ୍ସିଂ' କରାଇବା ପାଇଁ ମଧ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ନିରାକରଣ ବ୍ୟବହାର ଯଥା ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା ଏବଂ ସାନିଟାଇଜର ବ୍ୟବହାର ଆଦିକୁ କଡାକଡି ଭାବେ ପ୍ରବର୍ତ୍ତନ କରାଇବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ନିୟମ ଭଙ୍ଗ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଜୋରିମାନା ଆଦାୟ ଆଦିକୁ ଅଧିକ ସଘନ ଓ ବ୍ୟାପକ କରିବାକୁ ମଧ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ କୋଭିଡ୍-୧୯ ମୃତକଙ୍କ ଉତ୍ତରାଧିକାରୀଙ୍କୁ ଅନୁକମ୍ପା ସହାୟତା ରାଶି ପ୍ରଦାନ ପ୍ରକ୍ରିୟାକୁ ଜନ ସାଧାରଣଙ୍କ ନିମନ୍ତେ ଅଧିକ ସରଳ ଓ ସୁଗମ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସବୁ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜିଲ୍ଲାର କୋଭିଡ୍ ସ୍ଥିତି, ପ୍ରତିରୋଧାତ୍ମକ କାର୍ଯ୍ୟଯୋଜନା ଏବଂ ଅନୁକମ୍ପା ରାଶି ସମ୍ବନ୍ଧିତ ସଦ୍ୟତନ ତଥ୍ୟ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

ପୁସ୍ତକ 'ମନେ ଅଛି ଯେତିକି' ଉନ୍ମୋଚିତ

କଟକ, (ଭାସ୍କର ନ୍ୟୁଜ): ଗତ ୪୦ ବର୍ଷ ପୂର୍ବେ ଭାରତ ବର୍ଷରେ ଯୌଥ ପରିବାରର ପରମ୍ପରା ଥିଲା । ପରିବାର ମଧ୍ୟରେ ଯୋଟିଏ ରଜ୍ଜୁରେ ସମସ୍ତେ ବନ୍ଧା ଥିଲେ । ପରିବାର ସବୁ ସଦସ୍ୟଙ୍କ ମଧ୍ୟରେ ସ୍ନେହଶ୍ରଦ୍ଧା ରହିଥିଲା । ପରିବାର ଭିତରେ ବିବାଦ ଦେଖାଦେଲେ ତାହା ପରିବାରରେ ହିଁ ସମାଧାନ ହେଉଥିଲା । ହେଲେ ସମୟକ୍ରମେ ଉକ୍ତ ଯୌଥପରିବାର ପରମ୍ପରା ଦିନକୁ ଦିନ ହଜିଯାଉଛି । ପରିବାର ମଧ୍ୟରେ ଆଉ ସେଭଳି ସ୍ନେହ ଶ୍ରଦ୍ଧା ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି ସୁପ୍ରିମ୍‌କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୋପାଳ ବଲ୍ଲଭ ପଟ୍ଟନାୟକ । ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସରେ ଅନୁଷ୍ଠିତ ଜଷ୍ଟିସ୍ ପଟ୍ଟନାୟକଙ୍କ ଆତ୍ମଜୀବାନୀ ପୁସ୍ତକ 'ମନେ ଅଛି ଯେତିକି'ର ଶୁଭ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଲେ ଯେ ସମୟକ୍ରମେ ଆମେ ସମସ୍ତେ ପାଶ୍ଚାତ୍ୟ ପରମ୍ପରା ଅଭିମୁଖୀ ହୋଇଯାଇଛୁ । ପରିବାର ମଧ୍ୟରେ ଆଉ ସେଭଳି ସ୍ନେହଶ୍ରଦ୍ଧା ନାହିଁ । ଆମ ଓଡିଶା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ ପଟ୍ଟନାୟକ ତାଙ୍କର ପିଲା ଦିନ, ଯୌଥ ପରିବାରର ପରମ୍ପରା ସମ୍ପର୍କରେ ଆଲୋକପାତ କରିବା ସହ ୬୦ ବର୍ଷ ପୂର୍ବେ ରେଭେନ୍‌ସାରେ ଅଧ୍ୟୟନ କରିବା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି କିପରି ଭାବେ ସେ ସ୍ୱର୍ଗତ ବିମଳକୃଷ୍ଣ ପାଲ୍‌ଙ୍କ ଅଧିନରେ ଓକିଲାତି ଆରମ୍ଭ କରିଥିଲେ ଓ ଏହି ପୁସ୍ତକ ଲେଖିବା ପାଇଁ ଅନନ୍ତ ମହାପାତ୍ରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଜଷ୍ଟିସ୍ ପଟ୍ଟନାୟକ ବାର୍ ଓ ବେଞ୍ଚ ସମନ୍ୱୟ ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ । ସୂଚନାଥାଉକି ଓଡିଶା ହାଇକୋର୍ଟରୁ ଓକିଲାତି ଜୀବନ ଆରମ୍ଭ କରିବା ପରେ ୧୨ ବର୍ଷ ଧରି ସେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିବା ପରେ ହାଇକୋର୍ଟର ବିଚାରପତି ଭାବେ ଯୋଗ ଦେଇଥିଲେ । ପରେ ଜଷ୍ଟିସ୍ ପଟ୍ଟନାୟକ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ଆମ ଓଡିଶାର ମୁଖ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆତ୍ମଜୀବନୀ ଲେଖା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର୍ ଜଷ୍ଟିସ୍ ଜି.ବି.ପଟ୍ଟନାୟକଙ୍କୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହାଇକୋର୍ଟର ପୂର୍ବତନ ବିଚାରପତି ଏ.କେ. ପରିଚ୍ଛା, ସ୍ୱରାଜ ମିଶ୍ର ପ୍ରମୁଖ ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ସି.ଆର୍ ଦାସ, ବିଚାରପତି ଡି. ଦାସ, ବିଚାରପତି ଶତ୍ରୁଘ୍ନ ପୂଜାହାରୀ, ବିଚାରପତି ବିଶ୍ୱନାଥ ରଥ, ବିଚାରପତି ସାବିତ୍ରୀ ରଥ, ବିଚାରପତି ଶଶୀକାନ୍ତ ମହାପାତ୍ର, ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ୍ ବିଜୟ କୃଷ୍ଣ ମହାନ୍ତି, ପୂର୍ବତନ ଏ.ଜି ଅଶୋକ କୁମାର ମହାନ୍ତି, ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଜଗବନ୍ଧୁ ସାହୁ, ସମ୍ପାଦକ ଡ. ଜିତେନ୍ଦ୍ର ଲେଙ୍କାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

ଐତିହାସିକ କୃଷକ ଆନ୍ଦୋଳନ ଓ ଶ୍ରମିକ ଧର୍ମଘଟର ପ୍ରଥମ ବାର୍ଷିକୀ

କଟକ (ଭାସ୍କର ନ୍ୟୁଜ): ଐତିହାସିକ କୃଷକ ଆନ୍ଦୋଳନ ଓ ଶ୍ରମିକ ଧର୍ମଘଟର ପ୍ରଥମ ବାର୍ଷିକୀ ଉପଲକ୍ଷେ କଟକ କଲେଜ ଛକ ଠାରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଟ୍ରେଡ୍ ୟୁନିଅନ ଓ ଗଣ ସଂଗଠନମାନଙ୍କ ମିଳିତ ମଂଚ ପକ୍ଷରୁ ଗଣ ଧାରଣା ସଂଗଠିତ ହୋଇଥିଲା । ଏଥିରେ ମଧୁସୂଦନ ପତି,କିଶୋର ଜେନା, ରବିନାରାୟଣ ମଲ୍ଲିକ୍, ରାଜକିଶୋର ମଲ୍ଲିକ୍, ବିଜୟ ଭୂଷଣ ପତି, ଅଭୟ ସ୍ୱାଇଁ,ଡ଼ମ୍ବରୁଧର ସାହୁ, ଖଗେଶ୍ୱର ସେଠୀ, ଯୁଧିଷ୍ଠିର ମହାରଣା, ବଦ୍ରୀନାରାୟନ ଦାଶ, ଶୁଭଂକର ଦାସ, ପ୍ରତାପ ମହାପାତ୍ର, ଚନ୍ଦ୍ରକାନ୍ତ ବେହେରା, ଭଂଜକିଶୋର ବେହେରା, ଇ ମନମୋହନ ପତି, କେଶବ ଷଡଙ୍ଗୀ ପ୍ରମୁଖ ଉଦବୋଧନ ଦେଇ ୭୦୦ରୁ ଅଧିକ କୃଷକଙ୍କ ପ୍ରାଣବଳୀ ବିନିମୟରେ ଅହଂକାରୀ ମୋଦୀ ସରକାର ତିନୋଟି କଳା କୃଷି ଆଇନ୍ ରଦ୍ଦ କରିବାକୁ ବାଧ୍ୟ ହୋଇଥିବାରୁ କୃଷକ ମୋର୍ଚ୍ଚାକୁ ଅଭିନନ୍ଦନ ଜଣାଇ ଥିଲେ । ଏହାସହିତ କୃଷି ଆଇନ୍ ଗୁଡିକ ସଂସଦରେ ବିଧିବଦ୍ଧ ଭାବେ ରଦ୍ଦ କରିବା, ସର୍ବନିମ୍ନ ସହାୟକ ମୂଲ୍ୟ ଆଇନ୍ ପ୍ରଣୟନ, ସରକାରୀ ପ୍ରତିଶ୍ରୁତି ମତେ ବିଦ୍ୟୁତ ସଂଶୋଧନ ବିଲ୍ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ପ୍ରତ୍ୟାହାର, କୃଷକ ଆନ୍ଦୋଳନର ଶହୀଦ୍ ପରିବାରକୁ କ୍ଷତିପୂରଣ ଓ ଅନୁକମ୍ପା ମୂଳକ ନିଯୁକ୍ତି, ଲକ୍ଷ୍ମୀପୁର କୃଷକ ହତ୍ୟାର ଷଡଯନ୍ତକାରୀ କେନ୍ଦ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ତଥା ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ମୂଲ୍ୟ ବୃଦ୍ଧି ବନ୍ଦ କରିବା ଦାବୀରେ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପଠାଯାଇଛି ବୋଲି ଘୋଷଣା କରାଯାଇଥିଲା । ଏ ସବୁ ଦାବୀ ଆଦାୟ ପାଇଁ ଶ୍ରମିକ,କୃଷକ ତଥା ସାଧାରଣ ଲୋକଙ୍କୁ ଐକବଦ୍ଧ କରି ଆସନ୍ତା ବଜେଟ ଅଧିବେଶନ ସମୟରେ ଦୁଇ ଦିନିଆ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ଏବେଠାରୁ ଗ୍ରାମ ପଂଚାୟତ ଠାରୁ ନେଇ ସହର ବଜାର ଓ କଳକାରଖାନା ଏବଂ ଅଫିସ ଦପ୍ତରରେ ପ୍ରଚାର ଜୋରଦାର କରିବାକୁ ଆହ୍ୱାନ ଦିଆଯାଇଥିଲା ।

E.Mail – rw_sundargarh@yahoo.co.in

O-1056

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH

E-PROCUREMENT NOTICE
BID IDENTIFICATION NO. ONLINE-SESNG-14 of 2021-22

1. Name of the Work :- Building Works
2. Total No. of works :- 21 nos Buildings
3. Estimated cost :- Rs. 0.18 Lakhs & 5.31 Lakhs
4. Class of contractor :- 'D' & 'C'
5. Period of completion :- 01 calendar month
6. Type of Tender :- Single Cover
7. Other details

Procurement Officer	Bid Identification No.	Availability of Tender On-line for bidding	
		From	To
1	2	3	4
Superintending Engineer, Rural Works Division, Sundargarh.	Online-SESNG-14 of 2021-22	30.11.2021 10.00 A.M	09.12.2021 05.30 P.M

Further details can be seen from the website www.tendersorissa.gov.in

Sd/- Superintending Engineer
Rural Works Division, Sundargarh

OIPR 25046/11/0023/2122

'e' PROCUREMENT NOTICE NO.09 OF 2021-22. **O-1050**

1 Name of work. : Road Works
2. Total No. of Work. : 2(Two) works.
3. Estimated Cost. : Rs.65.50 to Rs.79.65 lakhs.
4. Period of Completion. : 02(Two) Months.
5. Class of contractors. : 'B' & 'A' Class only.

Other details as follows:

a) Procurement officer. : Superintending Engineer, Rural Works Division, Cuttack.
b) Availability of tender online for bidding : From 30.11.2021 to 06.12.2021 up to 17.00 Hours.
c) Last date & time of seeking of tender clarification. : 04.12.2021 up to 17.00 Hours.
d) Date & Time of Opening Technical Bid : 07.12.2021 at 11.00 A.M.

Further details can be seen from the Govt. website www.tendersorissa.gov.in

Sd/- Superintending Engineer
Rural Works Division
Cuttack

OIPR 25097/11/0016/2122

By E_Mail/e-Despatch
E_Mail ID : serwcbaripada@gmail.com
Ph-No-06792-261343/261344
Gangraj, Baripada

O-1024

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
"e" Procurement Notice for Bridge Work

Identification No.- Online Tender- Bridge N.C.B. No. 194 for 2021-22.

Letter No. 3586 / Date 23.11.2021 //

1. Name of the work :- Construction of H.L Bridge over river Gangahar on PWD Road to Bhadrasia under BSY for the year 2021-22 in the District Mayurbhanj.
2. Total No. of work :- **01** No. (One)
3. Estimated Cost :- Rs.**691.22** lakhs (Approximately)
4. Eligible Class of Contractor : - 'Special', & 'Super' Class (of Odisha P.W.D.) or relevant Class of other licensing authorities
5. Period of Completion :-**18** (Eighteen) Calendar months for the work .
6. Other details :-

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender Clarification.	Date & Time of Opening of Tender in O/O C.C.E.R.W. Circle, Baripada	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Baripada	Bridge On-line N.C.B. No. **194**	Dt.29.11.2021 at 11.00 A.M.	Dt.15.12.2021 up to 5.00 P.M.	Dt.14.12.2021 up to 5.00 P.M.	Dt.16.12.2021 at 11.00 A.M.	Dt.21.12.2021 at 11.00 A.M.

- Further details can be seen from the website: www.tendersorissa.gov.in.
- Any Corrigendum / Addendum will be displayed in the above e_tender website only.

Sd/- Chief Construction Engineer,
R.W. Circle, Baripada.

OIPR 25130/11/0015/2122

By E_Mail/e-Despatch
E_Mail ID : serw_balasore@yahoo.in
Ph-No-06782/260318
Balia,Balasore

O-993

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BALASORE
"e" Procurement Notice for Road Work

Identification No.- Online Tender- Road N.C.B. No. 303 for 2021-22.

Letter No. 4046 /WE Date 20.11.2021

1. Name of the work :- **Road work**
2. Total No. of work :- **12** Nos. (Twelve)
3. Estimated Cost :- **Rs.256.24 to 448.47** lakhs (Approximately)
4. Eligible Class of Contractor : - ,'B ' Class, 'A' Class, Special Class (of Odisha P.W.D.) or relevant Class of other licensing authorities (as per annexure).
5. Period of Completion :- **11 & 9** (Eleven & Nine) Calendar months for the work.
6. Other details :-

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender Clarification.	Date & Time of Opening of Tender in O/O C.C.E.R.W. Circle, Balasore	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle,Balasore	NCB No.- 303	30.11.2021 at 11.00 A.M	15.12.2021 Up to 5.00 P.M.	14.12.2021 Up to 5.00 P.M.	16.12.2021 at 11.00 A.M.	Will be intimated later

- **Further details can be seen from the website: www.tendersodisha.gov.in**

S/d Er.S. K.Misher
Chief Construction Engineer,
R.W. Circle, Balasore.

OIPR 25105/11/0020/2122